# ଆଜି ଅନୁଗୋଳରୁ ୧୧ ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ପହଞ୍ଚିଲା ୪୫୩ରେ ।

ଆଜି ଅନୁଗୋଳ ଜିଲ୍ଲାରୁ ୧୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ।ଏଥି ସହିତ ପଜିଟିଭ ସଂଖ୍ୟା ୪୫୩ରେ ପହଂଚିଛି । ସେମାନଂକ ମଧ୍ୟରେ ଅନୁଗୋଳ ବ୍ଲକ୍ ଅଂଚଳରୁ ୬ ଜଣ, ତାଳଚେର ବ୍ଲକ୍ ଅଂଚଳରୁ ୨ ଜଣ, କିଶୋରନଗର ,କଣିହାଁ ଓ ପାଲଲହଡା ବ୍ଲକ୍ ଅଂଚଳରୁ ଜଣେ ଲେଖାଏଁ ପଜିଟିଭ ଚିହ୍ନଟ ହୋଇଛନ୍ତି । ଅନୁଗୋଳ ବ୍ଲକର ୨ଟି କ୍ଲଷ୍ଟର ଅସ୍ଥାୟୀ ମେଡିକାଲ ଶିବିରରୁ ଚିହ୍ନଟ ହୋଇଥିବା ୫ ଜଣ ପୁରୁଷଙ୍କ ମଧ୍ୟରେ ଜଣେ ୨୩ ବର୍ଷିୟ ପୁରୁଷ ମାଙ୍ଗାଲୋରରୁ ,ଜଣେ ୫୦ ବର୍ଷିୟ ପୁରୁଷ ବାଙ୍ଗାଲୋରରୁ,ଜଣେ ୪୩ ବର୍ଷିୟ ପୁରୁଷ ଗୋଆରୁ,ଜଣେ ୨୨ ବର୍ଷିୟ ପୁରୁଷ ହରିୟାନାରୁ ଓ ଜଣେ ୪୮ ବର୍ଷିୟ ପୁରୁଷ ଦିଲ୍ଲୀରୁ ଫେରି ସଙ୍ଗରୋଧରେ ଥିବା ସମୟରେ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ଅନୁଗୋଳ ବ୍ଲକରୁ ଜଣେ ୭୪ ବର୍ଷିୟ ପୁରୁଷ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସିତ

ହେଉଥିବାବେଳେ ତାଂକର କରୋନା ପଜିଟିଭ ଜଣାପଡିଛି । ତାଳଚେର ବ୍ଲକ୍ ଅଂଚଳରୁ ଚିହ୍ନଟ ହୋଇଥିବା ୨ ଜଣଂକ ମଧ୍ୟରେ ଜଣେ ୫୧ ବର୍ଷିୟ ପୁରୁଷ ଢେଂକାନାଳ ଯାଇ କାମ କରୁଥିବାବେଳେ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି ସେ ପଜିଟିଭ ଚିହ୍ନଟ ହୋଇଛନ୍ତି । ଅନ୍ୟ ଜଣେ ୨୯ ବର୍ଷିୟ ମହିଳା ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିବାବେଳେ ତାଂକର କରୋନା ପଜିଟିଭ ଜଣାପଡିଛି । କିଶୋରନଗର ବ୍ଲକ୍ ଅଂଚଳର ଏକ କ୍ଲଷ୍ଟର ଅସ୍ଥାୟୀ ମେଡିକାଲ ଶିବିରରୁ ଜଣେ ୧୯ ବର୍ଷିୟ ଯୁବକ ସୁରଟରୁ ଫେରି କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କଣିହାଁ ବ୍ଲକ୍ ଅଂଚଳର ଜଣେ ୫୫ ବର୍ଷିୟା ମହିଳା ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିବାବେଳେ ତାଂକର କରୋନା ପଜିଟିଭ ଜଣାପଡିଛି । ସେହିପରି ପାଲଲହଡା ବ୍ଲକ୍ ଅଂଚଳର ଜଣେ ୩୬ ବର୍ଷିୟ ପୁରୁଷ ଢେଂକାନାଳ ଯାଇ ସେଠାରେ କାମ କରୁଥିବା ବେଳେ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି ତାଂକର ପଜିଟିଭ ଜଣାପଡିଛି । ସମସ୍ତ ଆକ୍ରାନ୍ତଂକୁ ଚିକିତ୍ସା ନିମନ୍ତେ ପଦକ୍ଷେପ ନିଆଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଇତି ମଧ୍ୟରେ ସୁସ୍ଥ ହୋଇଥିବା ୩ଜଣଂକୁ ନିଜ ଘରେ Isolation ରେ ରହିବାକୁ ପରାମର୍ଶ ଦିଆଯାଇଛି । ପୂର୍ବରୁ ସୁସ୍ଥ ହୋଇଥିବା ୩୪୪ ଜଣଙ୍କୁ ମିଶାଇ ସୁସ୍ଥଙ୍କ ସଂଖ୍ୟା ୩୪୭ ରେ ପହଂଚିଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୫୪୬ ତା.୧୨.୮.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

(signature) ୧୨।୮।୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ